### କୁକୁଡ଼ା ଫାର୍ମ ପୋଡ଼ି ଅଭିଯୋଗ, ଜଣେ ଅଟକ

ବୁଗୁଡ଼ା,(ଡି.ଏନ୍.ଏ)-ବୁଗୁଡ଼ା ଥାନା ନୂଆ ପାଣିକେଣ ନିକଟ ଏକ କୁକୁଡ଼ା ଫାର୍ମ ହାଉସ କେହି ଦୁର୍ବୃତ୍ତ ପୋଡ଼ି ଦେଇଥିବା ରବିବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୩୭୬/୨୦ରେ ମାମଲା ରୁଜୁ କରି ସନ୍ଦେହରେ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି। ପାଣିକେଣର ଗ୍ରାମର ପଦ୍ମନାଭ ସ୍ୱାଇଁ ଗ୍ରାମ ନିକଟରେ କୁକୁଡ଼ା ଫାର୍ମ କରିଥିଲେ। ଶନିବାର ସନ୍ଧ୍ୟାରେ ସେ ବ୍ୟବସାୟୀଙ୍କୁ କୁକୁଡ଼ା ଦେଉଥିବା ବେଳେ ହଠାତ୍ ଫାର୍ମରେ ନିଆଁ ଲାଗିଯାଇ କେତେଟା କୁକୁଡ଼ା ଜଳିଯାଇଥିଲେ। ଗ୍ରାମର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ପଦ୍ମନାଭ ଥାନାରେ ଏତଲା ଦେଇଥିଲେ।



## ସଂକ୍ଷେପରେ

### ବୃଦ୍ଧାଙ୍କ ଉପରେ ମାଡ଼ିଗଲା ହାଇୱା

ଦିଗପହଣ୍ଡି,୧୩।୧୨(ଡି.ଏନ୍.ଏ.)- ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ସାଗର ସାହିରେ ଏକ ହାଇୱା ତଳେ ଚାପିହୋଇ ରବିବାର ସନ୍ଧ୍ୟାରେ ଜଣେ ବୃଦ୍ଧା ଗୁରୁତର ଆହାତ ହୋଇଛନ୍ତି। ସେ ହେଲେ ଲକ୍ଷ୍ମୀ ରାଉତ (୬୫)। ରାସ୍ତା କାମରେ ନିୟୋଜିତ ହାଇୱାଟି ଫେରୁଥିବା ବେଳେ ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ସେ ପଡିଯିବାପରେ ତାଙ୍କ ଗୋଡ ଉପରେ ଟ୍ରକ ପଛ ଚକା ଚଢ଼ିଯାଇଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ବୃଦ୍ଧାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଫାସିଗୁଡ଼ା ସରପଞ୍ଚ ଦିଲ୍ଲୀପ ସେଠୀ ଓ ତାଙ୍କ କେତେଜଣ ସହଯୋଗୀ ମେଡିକାଲରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ବୃଦ୍ଧାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ।

### ଶେରଗଡ଼ ଓକିଲ ସଂଘ ସଭାପତି ରାଘବ



ଶେରଗଡ଼,୧୩।୧୨ (ଡ଼ି.ଏନ୍.ଏ.)- ଶେରଗଡ଼ ଓକିଲ ସଂଘ ସଭାପତି ଭାବେ ସର୍ବସମ୍ମତି କ୍ରମେ ରାଘବାନନ୍ଦ ପଶୁପାଳକ, ସମ୍ପାଦକ ଭାବେ ଓକିଲ ରାଧାକୃଷ୍ଣ ଡାକୁଆଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ ମୁନା ବେହେରା, ସହ ସମ୍ପାଦକ ଭାବେ ଧୀରେନ୍ଦ୍ର ସାମଲ ଓ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ଜେନାଙ୍କୁ ମନୋନୀତ କରାଯାଇଛି।

### ରବୀନ୍ଦ୍ର ମୋହନା ଓକିଲ ସଂଘ ସଭାପତି

ପାରଳାଖେମୁଣ୍ଡି,୧୩।୧୨(ଡି.ଏନ୍.ଏ.)- ମୋହନା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଓକିଲ ସଂଘ ସଭାପତି ରବୀନ୍ଦ୍ର କୁମାର ନାୟକ ପୁଣିଥରେ ସଭାପତି ହୋଇଛନ୍ତି। ସମ୍ପାଦକ ଭାବେ ସୁଶାନ୍ତ କୁମାର ମଲ୍ଲିକ ଅପ୍ରିତିଦ୍ୱନ୍ଦୀ ରହିଥିଲେ। ଅନ୍ୟାନ୍ୟ ପଦବୀ ପାଇଁ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ପରବର୍ତ୍ତୀ ସମୟରେ ନିର୍ବାଚନ ହେବ ବୋଲି ନିର୍ବାଚନ ଅଧିକାରୀ ମଧୁସୂଦନ ପାଢ଼ୀ କହିଛନ୍ତି।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ବାଲିପଦର ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବାଲିପଦର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ତହସିଲର ରାଜସ୍ୱ ପରିଦର୍ଶକ ସୋମନାଥ ପାତ୍ର, ବାଲିପଦର ରାଜସ୍ୱ ନିରୀକ୍ଷକ ଦ୍ୱିତୀକୃଷ୍ଣ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ୪୨ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ ହୋଇଥିବା ବେଳେ ଲୋକମାନଙ୍କର ବିଭିନ୍ନ ଅଭିଯୋଗର ଶୁଣାଣୀ ହୋଇଥିଲା।

### ବିଜେଡିର ମିଶ୍ରଣ ପର୍ବ

ପୋଲସରା,୧୩।୧୨(ଡି.ଏନ.ଏ.)- ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତ ମନଶିଳା ଗ୍ରାମରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନଶିଳା ଗ୍ରାମର କାର୍ତ୍ତିକ ସାହୁ, ଦୁଃଶାସନ ସାହୁ, ପପୁ ସାହୁ, ମୁନା ସାହୁ, ସଞ୍ଜୟ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି, ବ୍ଲକ ଅଧ୍ୟକ୍ଷ, ରାଜେନ୍ଦ୍ର ପ୍ରଧାନ, ମୋତିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ସମ୍ମୁଖରେ ଡଷ୍ଟବିନ୍ ବାଧ୍ୟତାମୂଳକ

- ନିୟମ ନ ମାନିବାରୁ ୨ ଦୋକାନ ସିଲ୍
- ଚାଲିଛି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧
- ପରିମଳ ଅଡିଟ୍ ସର୍ଭେ କରାଯାଉଛି

ଛତ୍ରପୁର,୧୩।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳରେ ପ୍ରଶାସନ ପକ୍ଷରୁ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ ଚାଲିଛି। ଜିଲାର ସମସ୍ତ ସହରାଞ୍ଚଳରେ ଥିବା ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖ ସଫା ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶନାମା ଜାରି କରିଥିଲେ। ଦୋକାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନର ୫ ମିଟର ପରିସର ମଧ୍ୟରେ ସଫା ରଖିବା ସହ ସମ୍ମୁଖରେ ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ କରାଯାଇଛି। ଏନେଇ ବାରମ୍ବାର ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସମେତ ସମସ୍ତ ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଯାଉଛି। ମାତ୍ର କେତେକ ଦୋକାନୀ ଅମାନିଆ ହେଉଥିବା ଦେଖିବାକୁ ମିଳୁଛି। ଦୋକାନର ୫ ମିଟର ପରିସରରେ ସଫା ନଥିବା ଓ ଡଷ୍ଟବିନ୍ ନ ଥିବାରୁ ବ୍ରହ୍ମପୁର ମହାନଗର ନିଗମ ପରିସରରେ ଥିବା ୨ ଦୋକାନକୁ ସିଲ୍ କରିଦିଆଯାଇଥିବା ଜିଲାପାଳ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

ଜିଲାର ସମସ୍ତ ସହରାଞ୍ଚଳର ପ୍ରତି ଘର ଓ ଦୋକାନକୁ ଯାଇ ଦୈନିକ ଅଳିଆ



ସର୍ଭେ ଚାଲିଛି।

ଆବର୍ଜନା ସଂଗ୍ରହ କରାଯାଉଛି। ଏଣୁ ରାସ୍ତା ଉପରେ ଅଳିଆ ନ ପକାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ଚାଲିଛି। ଏଥିଲାଗି ସବୁ ସହରାଞ୍ଚଳରେ ସ୍ୱଚ୍ଛତା ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ରାଲିର ଆୟୋଜନ ଚାଲିଛି। ଏଥିରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର, ପୌର କର୍ମଚାରୀମାନେ ସାମିଲ ଅଛନ୍ତି। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସହରାଞ୍ଚଳରେ ପ୍ରତି ଘର ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ଯାଇ ପରିମଳ ଅଡିଟ୍ କରୁଛନ୍ତି। ଘରେ ଓ ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଦୋକାନରେ ନୀଳ ଓ ସବୁଜ ରଙ୍ଗର ୨ଟି ଡଷ୍ଟବିନ୍ ଅଛି କି ନାହିଁ ଜାଣିବାକୁ ଏହି ସର୍ଭେ ଚାଲିଥିବା ସୂଚନା ଦିଆଯାଇଛି।

ଆହୁରି ଜଣାଯାଇଛି ଯେ, ସ୍ୱଚ୍ଛତା ନେଇ ପ୍ରତି ସହରାଞ୍ଚଳରେ ବିଭିନ୍ନ ରାଉଣ୍ଡ ସ୍ତରରେ ସଫେଇ ଦିଦି ଓ ଭାଇଙ୍କୁ ତାଲିମ ଦିଆଯାଉଛି। ପ୍ରତି ସହରରେ ରାତିରେ ରାସ୍ତା ସଫେଇ ମଧ୍ୟ ଜିଲାପାଳଙ୍କ ନିର୍ଦ୍ଦେଶରେ ଚାଲିଛି। ସକାଳୁ ଉଠିବା ପରେ ଲୋକେ ଯେଉଁଭଳି ଅଳିଆ ଆବର୍ଜନା ରାସ୍ତାରେ ଦେଖିବେନି, ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ସ୍ୱଚ୍ଛ ଗଞ୍ଜାମ, ସୁସ୍ଥ ଗଞ୍ଜାମ ପାଇଁ ବର୍ଜ୍ୟବସ୍ତୁ ସୁପରିଚାଳନାକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି। ଡ୍ରେନ୍‌ରେ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ବୋରିଗାଁ ସରପଞ୍ଚଙ୍କୁ ପୁଣି ଜେରା

### ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

ବ୍ରହ୍ମପୁର ଅଫିସ,୧୩।୧୨

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ପୁଣିଥରେ ରବିବାର ଗଞ୍ଜାମ ଜିଲା ବୋରିଗାଁ ସରପଞ୍ଚ ବସନ୍ତ ସାହୁଙ୍କୁ ଜେରା କରିଛି। ଗତ ଦୁଇଦିନ ଧରି କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ରହି ମାମଲାର ତଦନ୍ତ ଜାରି ରଖିଥିବା ବେଳେ ସରପଞ୍ଚ ବସନ୍ତଙ୍କୁ ଜେରା କରିଛନ୍ତି। ଟାଟା ମୋଟର୍ସରେ ଚାକିରି ପାଇଁ ବସନ୍ତଙ୍କର ଜଣେ ସମ୍ପର୍କୀୟ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଭାଇଙ୍କ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। କିନ୍ତୁ ଏ ନେଇ କୌଣସି ଟଙ୍କା ଦିଆଯାଇ ନ ଥିବା ଜେରାବେଳେ ବସନ୍ତ କହିଛନ୍ତି । ଜେରା ପରେ ବସନ୍ତ ଓ ତାଙ୍କ ସମ୍ପର୍କୀୟଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ପରେ ବସନ୍ତ ଖବରଦାତାଙ୍କୁ ସୂଚନା ଦେଇଛନ୍ତି, ତାଙ୍କ ସମ୍ପର୍କୀୟ ଜଣକ ଟାଟା ମୋଟର୍ସରେ ଚାକିରି ପାଇଁ ଅନ୍‌ଲାଇନରେ ଆବେଦନ କରିବା ବିଷୟରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରିଛି। ତାଙ୍କ ସମ୍ପର୍କୀୟଙ୍କ ମୋବାଇଲ ଫୋନ ମଧ୍ୟ ଯାଞ୍ଚ କରିଛି।

# ଆଇପିଏଲ୍ ବେଟିଂ, ଫେରାର ଏଜେଣ୍ଟ ଗିରଫ

ବ୍ରହ୍ମପୁର ଅଫିସ,୧୩।୧୨

ବ୍ରହ୍ମପୁରରେ ଚାଲିଥିବା ଆଇପିଏଲ୍ ବେଟିଂ ର୍‍ୟାକେଟରେ ଫେରାର ଥିବା ଜଣେ ଏଜେଣ୍ଟ କନିଷିର ଅଜୟ ପଣ୍ଡା (୨୮)ରବିବାର ଗିରଫ ହୋଇଛନ୍ତି। ତାଙ୍କଠାରୁ ବେଟିଂରେ ବ୍ୟବହୃତ ଏକ ମୋବାଇଲ ଫୋନ ପୋଲିସ ଜବତ କରିଛି। ବେଟିଂ ର୍‍ୟାକେଟରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ଓ ସେମାନେ କେଉଁ ୱେବ୍‌ସାଇଟ ବ୍ୟବହାର କରି ବେଟିଂ ଚଳାଉଛନ୍ତି ସେ ନେଇ ପୋଲିସ ଏବେ ଅଜୟଙ୍କୁ ଜେରା କରୁଥିବା କହିଛି।

ପ୍ରକାଶଯେ, ନିକଟରେ ପୋଲିସ ପୂର୍ବରୁ ଦୁଇଜଣ ବୁକି ବିଶାଳ କୁମାର ଅଗ୍ରୱାଲ ଓ ଅଜିତ କୁମାର ବରାଡ଼ ଓରଫ୍ ବାଦଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ମଣ୍ଡଳ କାରାଗାରରେ ଥିବା ବିଶାଳ ଓ ବାଦଲଙ୍କୁ ରିମାଣ୍ଡରେ ଆଣି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା। ତାଙ୍କ ବୟାନକୁ ଆଧାର କରି ରବିବାର ପୋଲିସ ଅଜୟଙ୍କୁ ମାମଲା ନଂ.୧୪୧/୨୦ରେ ଗିରଫ କରିଥିବା କହିଛି। ଏବେ ଆଇପିଏଲ୍ ବେଟିଂ ର୍‍ୟାକେଟ ମୁଖ୍ୟଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି ସାରିଲାଣି।

ସୂଚନାଯୋଗ୍ୟ, ଆଇପିଏଲ୍ କ୍ରିକେଟ୍ ଆରମ୍ଭ ହେବାଠାରୁ ବ୍ରହ୍ମପୁରରେ ବେଟିଂ କାରବାର ହୋଇଥିଲା। ଏଜେଣ୍ଟଙ୍କ ଜରିଆରେ ଏଭଳି କାରବାର ଚାଲିଥିବା ବେଳେ ଅକ୍ଟୋବର ୨୯ରେ ଗୋଷାଣୀନୂଆଗାଁ ଥାନା ପୋଲିସକୁ ସଫଳତା ମିଳିଥିଲା। ଆଇପିଏଲ୍ ବେଟିଂ ର୍‍ୟାକେଟର କିଙ୍ଗପିନ୍ କୁହାଯାଉଥିବା ଆର୍. ଲାଲି ଆଚାରୀ ଓ ସହଯୋଗୀ ପ୍ରଶାନ୍ତ ସୁବୁଦ୍ଧିଙ୍କୁ ପ୍ରଥମେ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୩୩ ଲକ୍ଷ ୬୧ ହଜାର ଟଙ୍କା ଜବତ ହୋଇଥିଲା।

# ସାର୍ଦ୍ଦୁଳ ଜଙ୍ଗଲରେ ବୁଲୁଛି କଳରାପତରିଆ

### ମାନିଲା ବନ ବିଭାଗ, ଜଙ୍ଗଲକୁ ଯିବାକୁ ବାରଣ

ବାଲିଗୁଡା,୧୩।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ବନାଞ୍ଚଳ ଅଧୀନ ସାର୍ଦ୍ଦୁଳ ସଂରକ୍ଷିତ ଜଙ୍ଗଲରେ ବାଘ ଥିବା କଥା ମାନିଛି ବନ ବିଭାଗ। ସେଠାରେ ଏକ କଲରାପତରିଆ ବାଘ ଥିବା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସ୍ପଷ୍ଟ କରିଛନ୍ତି। ଜଙ୍ଗଲରେ ଲାଗିଥିବା ଟ୍ରାପ୍ କ୍ୟାମେରା ଫୁଟେଜ୍ ଓ ପାଦ ଚିହ୍ନରୁ ଏହା ଏକ କଲରାପତରିଆ ବାଘ ବୋଲି ସ୍ପଷ୍ଟ କରିଛି ବନ ବିଭାଗ।

ସୂଚନା ପ୍ରକାରେ, ସାର୍ଦ୍ଦୁଳ ଗ୍ରାମର ସରୋଜ ସାନସେଟଙ୍କ ଗାଈର କ୍ଷତାକ୍ତ ମୃତଦେହ ଗତ ୯ ତାରିଖ (ବୁଧବାର) ସନ୍ଧ୍ୟାରେ ଗ୍ରାମ ନିକଟ ଜଙ୍ଗଲରୁ ମିଳିଥିଲା। ଗାଈଟିକୁ ବାଘ ମାରି ଦେଇଥିବା ବନାଞ୍ଚଳ ଅଧିକାରୀଙ୍କୁ ଲିଖିତଭାବେ ସରୋଜ ଜଣାଇଥିଲେ। ଘଟଣାସ୍ଥଳରେ ବାଘର ପାଦଚିହ୍ନ ଦେଖି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସେହିଦିନଠାରୁ ତଦନ୍ତ ଚଳାଇଥିଲେ। ତଦନ୍ତରୁ ଏହା କଲରାପତରିଆ ବାଘ ବୋଲି ଜଣାପଡିବା ପରେ ଅଞ୍ଚଳବାସୀଙ୍କୁ ଜଙ୍ଗଲକୁ ଯିବାକୁ ବାରଣ କରାଯାଇଛି। ଏଥିସହ ବାଘ ଖାଇଥିବା ଗାଈର ମାଲିକଙ୍କୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ପାଇଁ ଅନ୍‌ଲାଇନ ଯୋଗେ ଆବେଦନ ବ୍ୟବସ୍ଥା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

# ବାଲ୍ୟବିବାହ ରୋକିଲା ପ୍ରଶାସନ

ଗୋପାଳପୁର,୧୩।୧୨

ରଙ୍ଗେଇଲୁଣ୍ଡା ବ୍ଲକ ଧବଳେଶ୍ୱର ମନ୍ଦିର ନିକଟରେ ରବିବାର ଚାଲିଥିବା ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନ ଓ ପୋଲିସ ପକ୍ଷରୁ ବନ୍ଦ କରାଯାଇଛି। ବ୍ଲକ ଅନ୍ତର୍ଗତ ତେରଗଞ୍ଜୁ ଗ୍ରାମର କାଳିଆ ବେହେରାଙ୍କ ସହ ସେହି ଗ୍ରାମର ନାବାଳିକାଙ୍କ ବିବାହ ପ୍ରସ୍ତୁତି ଚାଲିଥିଲା। ବ୍ରହ୍ମପୁର ଚାଇଲ୍ଡ ଲାଇନ ପକ୍ଷରୁ ସୂଚନା ପାଇ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢ଼ୀ, ଚାଇଲ୍ଡ ଲାଇନ କର୍ମକର୍ତ୍ତା ଓ ଗୋପାଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ସେଠାରୁ ବର ସହ ଅନ୍ୟ କେତେଜଣ ଲୋକ ଚମ୍ପଟ୍ ମାରିଥିଲେ। ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଏକ ବାଳାଶ୍ରମକୁ ପଠାଇ ଦିଆଯାଇଥିବା ଚାଇଲ୍ଡ ଲାଇନ ସଂଯୋଜକ ସାଇ ପ୍ରସାଦ ସାମଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ନାବାଳିକାଙ୍କ ବିବାହର ଦୁଇଦିନ ପୂର୍ବରୁ ରଙ୍ଗେଇଲୁଣ୍ଡା ସିଡିପିଓ, ଏଡିଏସ୍‌ଡବ୍ଲ୍ୟୁ ଏବଂ ଗୋପାଳପୁର ପୋଲିସ ଗ୍ରାମରେ ପହଞ୍ଚି ତାଙ୍କ ପରିବାରକୁ ବୁଝାଶୁଝା କରି ୧୮ ବର୍ଷ ପରେ ବିବାହ କରିବାକୁ ପରିବାର ପକ୍ଷରୁ ଲିଖିତ ଆକାରରେ ଜଣାଇଥିଲେ।

# ବଳାତ୍କାର, ଠକେଇ ମାମଲାରେ ସମିତିସଭ୍ୟ ଗିରଫ




ସମିତି ସଭ୍ୟଙ୍କୁ ମୁମ୍ବାଇ ପୋଲିସ କୋର୍ଟ ଚାଲାଣ କରୁଛି।

ହିଞ୍ଜିଳିକାଟୁ, ୧୩।୧୨(ଡି.ଏନ୍.ଏ):

ମହିଳାଙ୍କୁ ପ୍ରଲୋଭିତ କରି ବଳାତ୍କାର ସହ ଠକେଇ ମାମଲାରେ ମହାରାଷ୍ଟ୍ର ପୋଲିସ ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପଞ୍ଚାୟତର ସମିତିସଭ୍ୟଙ୍କୁ ଶନିବାର ରାତିରେ ଗିରଫ କରିଛି। ସେ ହେଲେ ଶ୍ରଦ୍ଧାପୁରର ଏ. ସୁଦାମ।

ସମିତିସଭ୍ୟ ମୁମ୍ବାଇରେ ରହୁଥିବା ସମୟରେ ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ସହ ଠକେଇ କରିଥିବା ନେଇ ମୁମ୍ବାଇର ମାନ୍‌ପାଡ଼ା ଥାନାରେ ଅଭିଯୋଗ ହୋଇଥିଲା। ମହିଳାଙ୍କ ଏତଲାକୁ ଭିତ୍ତି କରି ମହାରାଷ୍ଟ୍ର ପୋଲିସ ୩୧୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରାତିରେ ସମିତିସଭ୍ୟ ଶ୍ରଦ୍ଧାପୁରରେ ଥିବା ବେଳେ ମୁମ୍ବାଇ ପୋଲିସର ଏକ ଟିମ ହିଞ୍ଜିଳି ପୋଲିସ ସହାୟତାରେ ଚଢ଼ାଉ କରି ତାଙ୍କୁ ଧରି ସ୍ଥାନୀୟ ଥାନାକୁ ଆଣିଥିଲା। ରବିବାର ସମିତିସଭ୍ୟଙ୍କୁ କୋର୍ଟରେ ହାଜର ପରେ ମହାରାଷ୍ଟ୍ର ପୋଲିସ ରିମାଣ୍ଡରେ ନେଇଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଭାଜପା ଦଳର ସଭ୍ୟ ଥିବା ସମିତିସଭ୍ୟ ଏ ସୁଦାମ କିଛିଦିନ ତଳେ କଂଗ୍ରେସରେ ଯୋଗ ଦେଇଥିଲେ।

# ଅଭିମନ୍ୟୁଙ୍କ ଚିକିତ୍ସାରେ ଅର୍ଥ ବାଧକ

ଖଜୁରିପଡ଼ା/ବଳସକୁମ୍ପା, ୧୩।୧୨(ଡି.ଏନ.ଏ.)

ଗରିବ ଖଟିଖିଆ ଜନସାଧାରଣଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରି ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। କିନ୍ତୁ ସେହି ଯୋଜନା ଗୁଡ଼ିକ କେତେକ କ୍ଷେତ୍ରରେ ସଫଳ ରୂପାୟନ ହୋଇଥିବା ବେଳେ ଅନେକ ଗରିବ ଲୋକମାନେ ଏହାର ସଦୁପଯୋଗ କରି ପାରୁନାହାନ୍ତି। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ପାଣ୍ଡରାବାଡ଼ି ଗ୍ରାମରେ। ଗାଁରେ ରହୁଛନ୍ତି ଅଭିମନ୍ୟୁ ସାହାଣୀ (୫୦)। ପାରାଲିସିଶ୍ ରୋଗରେ ପ୍ରାୟ ୮ ବର୍ଷ ହେବ ପୀଡ଼ିତ ଅଛନ୍ତି। ଘରେ ଯାହା ଆସବାବ ପତ୍ର ଏବଂ ଜମିବାଡ଼ି ଥିଲା ସବୁ ବିକି ଟଙ୍କା



ଅଭିମନ୍ୟୁ ସାହାଣୀ।

ଚିକିତ୍ସାରେ ସରିଲାଣି। ହେଲେ ଏପର୍ଯ୍ୟନ୍ତ ସୁସ୍ଥ ହୋଇପାରିନାହାନ୍ତି। ଗୋଟିଏ ପଟେ ସ୍ୱାମୀର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବାରେ ସ୍ତ୍ରୀ ଲାଗିଥିବା ବେଳେ ଅନ୍ୟପଟେ ପରିବାର ଚଳାଇବା କଷ୍ଟକର ହେଉଛି। ସରକାରୀ ଯୋଜନା କହିଲେ ରାଶନ କାର୍ଡରେ ମିଳୁଥିବା ଚାଉଳ। ଗୋଟିଏ ଓଳି ଖାଇଲେ ଆର ଓଳିକୁ ଏମାନଙ୍କୁ ଉପବାସ ରହିବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି ପରିସ୍ଥିତିରେ ଅର୍ଥ ନ ଥିବାରୁ ଅଭିମନ୍ୟୁଙ୍କ ଉତ୍ତମ ଚିକିତ୍ସା ହୋଇପାରୁନାହିଁ। ଏହି ଅସହାୟ ପରିବାରଙ୍କୁ ଜିଲା ପ୍ରଶାସନ ଓ ସରକାର ଦୃଷ୍ଟି ଦେଇ ସହାୟତା ଓ ଉତ୍ତମ ଚିକିତ୍ସା କରେଇବା ଲାଗି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ଶରୀର ଦାନ କରିବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ବୁଗୁଡ଼ା,୧୩।୧୨(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ପ୍ରେମଚାନ୍ଦ ନଗର ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଜ୍ୟୋତିର୍ବିଦ ଘନଶ୍ୟାମ ମିଶ୍ର ମୃତ୍ୟୁ ପରେ ନିଜ ଶରୀରକୁ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ୭୪ ବର୍ଷୀୟ ଘନଶ୍ୟାମ ଏକ ସତ୍ୟପାଠ ଜରିଆରେ ନିଷ୍ପତ୍ତି ଗ୍ରହଣ କରିଥିବା ବେଳେ ଏହାକୁ ସ୍ଥାନୀୟ ଶିକ୍ଷକ, ବୁଦ୍ଧିଜୀବୀ ଏବଂ ସାଧାରଣ ମହଲରେ ସ୍ୱାଗତ କରାଯାଇଛି। ତାଙ୍କ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଅନ୍ୟମାନଙ୍କ କାର୍ଯ୍ୟରେ ବିନିଯୋଗ ହେଲେ ମୃତ୍ୟୁ ପରେ ତାଙ୍କ ଆତ୍ମା ଶାନ୍ତି ପାଇବ ବୋଲି ଘନଶ୍ୟାମ ପ୍ରକାଶ କରିଛନ୍ତି।

# ପ୍ରଦୀପ ଦଳ ପ୍ରତି ବିଶ୍ୱାସଘାତକତା କରିଛନ୍ତି

ଗୋପାଳପୁର,୧୩।୧୨

ରଙ୍ଗେଇଲୁଣ୍ଡା ବ୍ଲକର ବିଜେଡି ବରିଷ୍ଠ ନେତାଙ୍କ ନେତୃତ୍ୱରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନ ବିରୋଧୀ କାର୍ଯ୍ୟ ନେଇ ଦଳରୁ ବହିଷ୍କୃତ ହୋଇଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା କାର୍ଯ୍ୟକୁ ଦଳୀୟ କର୍ମୀମାନେ ପ୍ରଶଂସା କରିଥିଲେ। ବିଧାୟକ ଦଳ ପ୍ରତି ବିଶ୍ୱାସ ଘାତକତା କରି ଦୁର୍ନୀତିରେ ଲିପ୍ତ ରହୁଥିଲେ ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ଦଳୀୟ ସାଙ୍ଗଠନିକ କାର୍ଯ୍ୟ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆସନ୍ତା ୨୦ ତାରିଖରେ ଦଳ ପକ୍ଷରୁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଥିଲା। ଯେଉଁଥିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀରୁ ୧୦ ଜଣ, ଏନ୍‌ଏସି ଏବଂ ମହାନଗର ୱାର୍ଡରୁ ୧୦ ଜଣ ଯୋଗ ଦେବେ। ବୈଠକରେ ମୁଖିଆ ଚୟନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସି.ଏଚ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ୍ କୁମାର ଦାଶ, ଜିଲା ପରିଷଦ ସଭ୍ୟ ଶଶୀଭୂଷଣ ମହାନ୍ତିଙ୍କ ସମେତ ଦିପକ କୁମାର ସାମନ୍ତ, ରାଜେଶ୍ୱରୀ ଦୋରା, ସିଏଚ୍ ଭରତ ପାତ୍ର, ପ୍ରକାଶ ଚନ୍ଦ୍ର ସାମନ୍ତ, ଅଜୁ ନାୟକ, ବାଇରି ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥ ଶୁଭାରମ୍ଭ

ପୋଲସରା,୧୩।୧୨(ଡି.ଏନ.ଏ.)

ପୋଲସରା କୃଷି କାର୍ଯ୍ୟାଳୟ ପରିସରରେ ଶନିବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଗାଡ଼ି ଶୁଭାରମ୍ଭ କରାଯାଇଛି। ଏହି ଗାଡ଼ି ପୋଲସରା ବ୍ଲକରୁ ପ୍ରଥମକରି ଆରମ୍ଭ କରାଯାଇଛି। ଫସଲ ବୀମା ସଚେତନତା ରଥ ପ୍ରତ୍ୟେକ ବ୍ଲକ ଭ୍ରମଣ କରି ଚାଷୀମାନଙ୍କୁ ସଚେତନ କରିବ। ଏହି ରଥକୁ ବ୍ଲକ କୃଷି ଅଧିକାରୀ ଅର୍ଜୁନ ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ଶୁଭାରମ୍ଭ କରିଥିଲେ। ଏହି ସମୟରେ କୃଷି ଅଧିକାରୀ ଆରତୀ ବେହେରା, ସୀମାଞ୍ଚଳ ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ଅନାଦୀ ସାହୁ, ଶେଖ ଫରିଦ, ସୁଧୀର ସମେତ ସମସ୍ତ କୃଷି କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପ୍ରଶାସନ, ବ୍ୟାଙ୍କ ଅଧିକାରୀଙ୍କ ବୈଠକ

ଶେରଗଡ଼,୧୩।୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ସଭାଗୃହରେ ରବିବାର ପ୍ରଶାସନ ଓ ବ୍ୟାଙ୍କ ଅଧିକାରୀମାନଙ୍କର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜୀବିକା ମିଶନ ବ୍ଲକ ସଂଯୋଜିକା ବନିତା ସାହୁଙ୍କ ସଂଯୋଜନାରେ ବ୍ଲକର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଥିବା ଅର୍ଥର ସଦୁପଯୋଗ ଉପରେ ଆଲୋଚନା ହୋଇଥିଲା। ବ୍ଲକର ୧୧୦୦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ଯୋଗାଣ ନେଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିରୁ ମୋଟ ୬୦୦ ଗୋଷ୍ଠୀଙ୍କୁ ଋଣ ଦିଆଯାଇଥିବା ବେଳେ ଅଦ୍ୟାବଧି




ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ କର୍ମଚାରୀ ମାନେ।

୫୦୦ ଏସ୍‌ଏଚ୍‌ଜିକୁ ଋଣ ଦିଆଯାଇ ନ ଥିବା ଜୀବିକା ମିଶନ ପକ୍ଷରୁ କୁହାଯାଇଥିଲା। ବଳକା ଏସ୍‌ଏଚ୍‌ଜିଙ୍କୁ କେବେ ଋଣ ଯୋଗାଣ ହେବ ବୋଲି ବିଡିଓ ସାହୁ ବ୍ୟାଙ୍କର ମ୍ୟାନେଜରମାନଙ୍କୁ ପଚାରିଥିଲେ। ଅଗ୍ରାଧିକାର ଭିତ୍ତିରେ ତୁରନ୍ତ ବଳକା ୫୦୦ ଗ୍ରୁପକୁ ଋଣ ଯୋଗାଇ ଦେବାକୁ ବୈଠକରେ ମ୍ୟାନେଜରମାନଙ୍କୁ କୁହାଯାଇଛି। ଋଣ ନେଉଥିବା ଗୋଷ୍ଠୀମାନଙ୍କ ପାଖକୁ ଯାଇ ଋଣର ସୁବିନିଯୋଗ ହେଉଛି କି ନାହିଁ ତଦାରଖ କରିବାକୁ ବିଡିଓ ଜୀବିକା ମିଶନ ସେଲ୍‌ର କର୍ମଚାରୀଙ୍କୁ କହିଛନ୍ତି। ବୈଠକରେ ସବୁ ବ୍ୟାଙ୍କର ପରିଚାଳକ, ଜୀବିକା ମିଶନ କର୍ମଚାରୀ, ବ୍ୟାଙ୍କ ମିତ୍ରମାନେ ଉପସ୍ଥିତ ଥିଲେ।

# ଯାନବାହନ ଯାଞ୍ଚ କଡ଼ାକଡ଼ି

### ୫୧ ହଜାର ଜରିମନା ଆଦାୟ

ବ୍ରହ୍ମପୁର ଅଫିସ, ୧୩।୧୨

ଗୋପାଳପୁର ଏନ୍‌ଏସରେ ପୋଲିସ ଏବଂ ଏମ୍‌ଭିଆଇର ମିଳିତ ସହଯୋଗରେ ରବିବାର ଗାଡି ଚେକିଂ କଡାକଡି କରିବା ସହ ୫୧ ହଜାର ଜରିମନା ଆଦାୟ କରାଯାଇଛି। ଛୁଟିଦିନ ଥିବାରୁ ଗୋପାଳପୁର ବେଳାଭୂମିରେ ଜନ ଗହଳି ଦେଖିବାକୁ ମିଳିଥିଲା। କୋରନା ପାଇଁ ସରକାର ଜାରି କଟକଣା ମାନୁ ନ ଥିବା ଅମାନିଆଙ୍କ ଗାଡ଼ି କାଗଜ ପତ୍ର, ହେଲମେଟ ପିନ୍ଧ ନ ଥିବା ଲୋକଙ୍କଠାରୁ ଜରିମନା ଆଦାୟ କରାଯାଇଥିଲା। ପ୍ରାୟ ୨୦ରୁ ଊର୍ଦ୍ଧ ଗାଡ଼ି ଚାଳକଙ୍କର ଡ୍ରିଏଲ ବାତିଲ କରାଯାଇଥିବା ଏମ୍‌ଭିଆଇ ସୂଚନା ଦେଇଛନ୍ତି। ଏହାସହ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ହେଉ ଥିବାରୁ ବହୁ ଲୋକ ନିରାଶ ହୋଇ ଫେରିଥିବା ଦେଖିବାକୁ



ଗାଡ଼ି ଯାଞ୍ଚ କରୁଛି ପୋଲିସ।

ମିଳିଥିଲା। ଗୋପାଳପୁର କଲେଜ ଛକରୁ ବେଳାଭୂମି ପର୍ଯ୍ୟନ୍ତ ଲୋକେ ଚାଲିଚାଲି ଯାଉଥିବା ଦେଖାଯାଇଥିଲା। କେବଳ ସ୍ଥାନୀୟ ଲୋକ ଓ ହୋଟେଲରେ ରହୁଥିବା ଲୋକଙ୍କୁ ଯିବା ପାଇଁ ଅନୁମତି ମିଳିଥିଲା। ଏହି ଯାଞ୍ଚରେ ଏମ୍‌ଭିଆଇ ପ୍ରତାପ କୁମାର ବେହେରା, ଗୋପାଳପୁର ଥାନା ଏସ୍‌ଆଇ ହେମାକାନ୍ତି ଛତ୍ରିଆଙ୍କ ସହ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀ ଉପସ୍ଥିତ ଥିଲେ।

